# ଜୀବନ୍ତଚିତ୍ର

ଏହି କର୍ମଶାଳାର ମୋଟ ୨୯ ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ପ୍ରଥମ ଦିନ ୨୧ ଜଣ ଓ ଦ୍ୱିତୀୟ ଦିନ ୨୪ ଜଣ ଅଂଶଗ୍ରହଣ କରିଥିଲେ । ସହଯୋଗୀ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ମଧ୍ୟରୁ ୫ /୭ ଜଣ ଉପସ୍ଥିତ ରହିକର୍ମଶାଳାଟି ଆରମ୍ଭ ହୋଇଥିଲା ।

ଏହି କର୍ମଶାଳାକୁ ଶ୍ରୀ ରଣଜିତ୍ ମହାନ୍ତି, ନିର୍ଦ୍ଦେଶକ, ଶ୍ରୀ ସତ୍ୟସୁନ୍ଦର ମହାନ୍ତି, ଶରତ କୁମାର ମହାରଣା ଓ ଶୟମ ସରକାର ପରିଚାଳନା କରିଥିଲେ ।

ସର୍ବ ପ୍ରଥମେ ଅଂଶଗ୍ରହଣକାରୀ, ସାଧନ କର୍ମୀ ତଥା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପରିଚୟ ଆଦାନ ପ୍ରଦାନ ପରେ କର୍ମଶାଳାଟି ଆରମ୍ଭ ହୋଇଥିଲା । ସର୍ବପ୍ରଥମେ ରଣଜିତ ମହାନ୍ତି ଜୀବନ୍ତ ଚିତ୍ର (Animation) କଣ ସେ କଥା ଛାତ୍ରଛାତ୍ରୀମାନଙ୍କୁ ସରଳ ଭାବରେ ବୁଝାଇଥିଲେ ।

(୧) କୌଣସି ଚିତ୍ର ବା ଆକାରକୁ ଗତିଶୀଳ କରି ଗଳ୍ପ ଓ କଥାବସ୍ତୁକୁ ସିନେମା ଭଳି ତିଆରି କରିବା ହିଁ (Animation) । ଆମେ ସିନେମାକୁ ଚଳଚ୍ଚିତ୍ର ବା ଚଳନ୍ତି ଚିତ୍ର କହିଥାଉ । ସେଥିରେ ବ୍ୟକ୍ତି ବିଶେଷ ଅଭିନୟ କରିଥାନ୍ତି କିନ୍ତୁ ଜୀବନ୍ତ ଚିତ୍ର (Animation) ରେ ନିର୍ଜୀବ ଚିତ୍ରଚଞ୍ଚଳ ହୋଇଥାଏ ।

(୨) ନିର୍ଜୀବ ଚିତ୍ର ତଥା କଥାବସ୍ତୁ କିପରି ଚଳଚଞ୍ଚଳ କରାଯାଇ ପାରିବ ତାହାର କୌଶଳ ଅନ୍ୟ ତିନିଜଣ ସାଧନ କର୍ମୀ କ୍ୟାମେରା / କମ୍ପ୍ୟୁଟର ମାଧ୍ୟମରେ ଦେଖାଇ ଅଂଶଗ୍ରହଣକାରୀଙ୍କୁ ବୁଝାଇଥିଲେ ।

(୩) ଜୀବନ୍ତ ଚିତ୍ର ତିଆରି କରିବା ପାଇଁ ପ୍ରଥମେ ଆମେ ଆମ ମନରେ ଏକ ଚିତ୍ର ଭିତ୍ତିକ ଗଳ୍ପ କଳ୍ପନା କରିବା ଦରକାର । ଚିତ୍ର ମାଧ୍ୟମରେ ସେଗୁଡିକୁ ରୂପ ଦେଇ ତଥା ତାକୁ ଭିତ୍ତି କରି ଚିତ୍ର ତିଆରି କରିବା ଆବଶ୍ୟକ । ଏହି ଶୈଳୀ ଦଳଗତ ଭାବେ କଳ୍ପନା କରି ତଥା ଦଳଗତ ସହଯୋଗ ନେଇ କର୍ମଶାଳାଟି ଅତି ସୁନ୍ଦର ଆକର୍ଷକ ଓ ଆନନ୍ଦଦାୟକ ଶିକ୍ଷା ପ୍ରଦାନ କରିଥିଲା । ❑❑❑



# କାଗଜ କାରିଗରୀ

ଛୋଟ ଛୋଟ ଅଦରକାରୀ କାଗଜରେ ମୁଖା ପ୍ରସ୍ତୁତି କାର୍ଯ୍ୟ ପିଲାମାନେ ଶିକ୍ଷା କରିଥିଲେ ।

ସାବଧାନତା ଶିକ୍ଷା - ମୁହଁର କାଗଜ ଟୁକୁରା ଲଗାଇଲା ବେଳେ ଭେସ୍‌ଲିନ୍ କିମ୍ବା ପ୍ଲାଷ୍ଟରଅଫ୍ ପ୍ୟାରିସ୍‌ର ପେଷ୍ଟ ଯେପରି ଆଖିରେ ଲାଗିବ ନାହିଁ ସେଥିଲାଗି ନାକ ଓ ପାଟି ଛାଡ଼ି ଦେବାକୁ ହେବ ବୋଲି ଜଣାଇ ଦିଆଯାଇଥିଲା ।

ଅଦରକାରୀ ଜିନିଷରୁ ବିଭିନ୍ନ ଉପଯୋଗୀ ସାମଗ୍ରୀ ପ୍ରସ୍ତୁତି ସମ୍ପର୍କରେ ଅଂଶଗ୍ରହଣକାରୀମାନେ ଶିକ୍ଷା କରିଥିଲେ ।

ପ୍ରସ୍ତୁତ ମୁଖାରେ ବିଭିନ୍ନ ରଙ୍ଗଦେଇ ଭିନ୍ନ ଭିନ୍ନ ପଶୁର ମୁଖାକୃତି କରାଯାଇଥିଲା ।

ଏହିପରି ଅଦରକାରୀ ଛିଣ୍ଡା କାଗଜରୁ ପ୍ରକ୍ରିୟାକରଣ ଓ ସାମାନ୍ୟ ପ୍ରୟାସ ମାଧ୍ୟମରେ ବହୁତ ଘର ସଜାଇବା ଜିନିଷ ତିଆରି କରାଯାଇପାରିବ । ପେନ୍‌ଷ୍ଟାଣ୍ଡ, ପେପର ଥାଳି, ମଲାଟ, ବୁଢ଼ାପଟି ଓ ପିଲାଙ୍କ ପାଇଁ ଖେଳନା ଇତ୍ୟାଦି ଏହି କୌଶଳ ମାଧ୍ୟମରେ ତିଆରି କରିହେବ ବୋଲି ଶିକ୍ଷା ଦିଆଯାଇଥିଲା । ❑❑❑













# ଭାବ ବିନିମୟ କଳା

ବିଭିନ୍ନ କୌଶଳ ମାଧ୍ୟମରେ ଭାବର ଆଦାନ ପ୍ରଦାନ ନିମନ୍ତେ ଭାବ-ବିନିମୟ-କୌଶଳ କର୍ମଶାଳା ସରଗିଫୁଲ କାର୍ଯ୍ୟକ୍ରମର ଏକ ଶିକ୍ଷଣୀୟ କାର୍ଯ୍ୟକ୍ରମ ହୋଇପାରିଥିଲା ।

ପିଲାମାନଙ୍କୁ ବିଭିନ୍ନ ଖେଳ, ଗପ, ଅନୁଚ୍ଛେଦ, କଥପୋକଥନ, ଫୋନ୍‌ରେ ବାର୍ତ୍ତାଳାପ ଇତ୍ୟାଦି ମାଧ୍ୟମରେ ଫଳପ୍ରଦ ସମ୍ବାଦ ଓ ଭାବ ବିନିମୟର ଦକ୍ଷତାଗୁଡ଼ିକ ସରଳ ଓ ସାବଲୀଳ ଭାଷାରେ ବୁଝାଇ ଦିଆଯାଇଥିଲା ।

ଦୃଶ୍ୟ, ଶ୍ରାବ୍ୟ ଉପକରଣ ମାଧ୍ୟମରେ ସମ୍ବାଦ ବିନିମୟର ବିଭିନ୍ନ କୌଶଳ ଶିଖାଇ ଦିଆଯାଇଥିଲା ।

ଉପ୍ତତ୍ତିସ୍ଥଳ, ସାଙ୍କେତିକ / ଗୁପ୍ତ ଭାଷାକୁ ରୂପାନ୍ତର, ମାଧ୍ୟମ ଓ ଗ୍ରହୀତା ଏସବୁ ବିଷୟ ଆଦି ଭାବ ବିନିମୟର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଉପରେ ଗୁରୁତ୍ୱ ଦେଇ ସମ୍ବାଦ ବିନିମୟର ବିଭିନ୍ନ ମାଧ୍ୟମଗୁଡ଼ିକ ଶିକ୍ଷାର୍ଥୀଙ୍କୁ ବୁଝାଇ ଦିଆଯାଇଥିଲା ।

ଏଥିରେ ପିଲାମାନେ ପରିଚୟ ପ୍ରଦାନ, ଧ୍ୟାନ, ଯୋଗଶିକ୍ଷା, ଶିକ୍ଷଣ କାର୍ଯ୍ୟଭିତ୍ତିକ କ୍ରୀଡ଼ା ଓ ଅନୁଚ୍ଛେଦ ପଠନ ଇତ୍ୟାଦିରୁ ସମ୍ବାଦ ବିନିମୟ କୌଶଳ ଶିକ୍ଷା କରିଥିଲେ । ▢▢▢



# ନାଟକ/ଏକାଙ୍କିକା

- ବିଭିନ୍ନ ପ୍ରକାର ନାଟକ ଓ ଏକାଙ୍କିକା ମାଧ୍ୟମରେ ଛୋଟ ଛୋଟ ପିଲାଙ୍କ ମନରେ ଦାୟିତ୍ୱବୋଧ, କର୍ତ୍ତବ୍ୟବୋଧ, କର୍ମଠତା, ପରୋପକାର ଆଦି ଗୁଣର ବିକାଶ ନିମନ୍ତେ ନାଟ୍ୟ କର୍ମଶାଳା ଅନୁଷ୍ଠିତ କରାଯାଇଥିଲା । ନାଟକ ସାମାଜିକ ପରିବର୍ତ୍ତନର ଏକ ବଳିଷ୍ଠ ମାଧ୍ୟମ ବୋଲି ପିଲାମାନେ ବୁଝିପାରିଥିଲେ ।

- ନାଟକର ଇତିହାସ, ଏହାର ସୃଷ୍ଟି ଓ ବିବର୍ତ୍ତନର ସମ୍ୟକ ଧାରଣା ପିଲାମାନେ ଦୃଶ୍ୟଶ୍ରାବ୍ୟ ଉପକରଣ ମାଧ୍ୟମରେ ପାଇଥିଲେ ।





- ନାଟକ ନିମନ୍ତେ ଆବଶ୍ୟକ ହେଉଥିବା ବିଭିନ୍ନ ଆନୁସଙ୍ଗିକ ବ୍ୟବସ୍ଥାଗୁଡ଼ିକ ହେଲା - ବିଷୟବସ୍ତୁ, ମେକ୍‌ଅପ, କଷ୍ଟ୍ୟୁମ୍, କଳାକାର, ମଞ୍ଚ, ସଙ୍ଗୀତ, ଗାୟକ, ଗୀତିକାର, ବାଦ୍ୟଯନ୍ତ୍ର ଓ ବାଦ୍ୟକାର, ଆଲୋକ ଓ ସାଜସଜ୍ଜା, ମାଇକ (ସାଉଣ୍ଡ ସିଷ୍ଟମ) ଇତ୍ୟାଦି ।

ଉପରୋକ୍ତ ବିଭାଗଗୁଡ଼ିକ ଉପରେ ପିଲାମାନଙ୍କ ସହିତ ଆଲୋଚନା କରାଯାଇଥିଲା ।

ନାଟକ ଏକ ଦୃଶ୍ୟକାବ୍ୟ । ପୃଥିବୀରେ ଏମିତି କୌଣସି ଜିନିଷ ନାହିଁ ଯାହାକୁ କି ନାଟକ ମାଧ୍ୟମରେ ପ୍ରଦର୍ଶିତ କରାଯାଇପାରିବ ନାହିଁ, ଭରତମୁନୀଙ୍କର ଏହି କଥାକୁ ହୃଦୟଙ୍ଗମ କରାଇବା ପାଇଁ ଉପରୋକ୍ତ ବିଭାଗଗୁଡ଼ିକ ପିଲାମାନଙ୍କ ମଧ୍ୟରେ ବଣ୍ଟନ କରାଯାଇ ଏକ ନାଟକ ଅଭିନୀତ କରାଯିବାର ବ୍ୟବସ୍ଥା କରାଯାଇଥିଲା । ଏଥିରେ ସମସ୍ତ ପିଲା ସବୁ ବିଭାଗରେ ଭାଗ ନେଇଥିଲେ । ❑❑❑



# ସୃଜନାତ୍ମକ ଲେଖା

ଚଳିତ ବର୍ଷ ୨୦୧୧ ସର୍ଗିଫୁଲର ସୃଜନାତ୍ମକ ଲେଖାର ବିକାଶ ନିମନ୍ତେ ଏକ କର୍ମଶାଳା ଅନୁଷ୍ଠିତ କରାଯାଇଥିଲା । ୩୫ ଜଣ ମୋଟ ଅଂଶ ଗ୍ରହଣକାରୀମାନଙ୍କ ମଧ୍ୟରୁ ୨୯ ଜଣଙ୍କ ଉପସ୍ଥିତିରେ କର୍ମଶାଳା ଆରମ୍ଭ ହୋଇଥିଲା ।

ଏହି କର୍ମଶାଳାକୁ ଦାଶ ବେନହୁର ପ୍ରଧାନପ୍ରଶିକ୍ଷକ ଭାବେ ପରିଚାଳନା କରିଥିଲେ ।

ପ୍ରଥମେ ପିଲାମାନଙ୍କୁ ନିଜ ନିଜର ସ୍ମୃତି ବିଷୟରେ କିଛି କିଛି ଲେଖିବାକୁ କୁହାଯାଇଥିଲା । ପିଲାମାନଙ୍କଠାରୁ ଅତିସୁନ୍ଦର ତଥା ଚମତ୍କାର ଉପସ୍ଥାପନା ଦେଖିବାକୁ ମିଳିଥିଲା । "ସେ ଦିନ ତୁମ ସ୍କୁଲରେ" ବିଷୟଟିକୁ ପିଲାମାନେ ନିଜ ନିଜ ଶୈଳୀରେ ଉପସ୍ଥାପନା କରିବା ବେଳେ ହସି ହସି ସମସ୍ତେ ଏହାର ଆନନ୍ଦ ନେଇଥିଲେ ।



ପିଲାମାନଙ୍କୁ ଉପାଦେୟ ପୁସ୍ତକଗୁଡ଼ିକ ପଢ଼ିବାକୁ ଦିଆଯାଇଥିଲା । ତତ୍‌ପରେ ପିଲାମାନେ ବାକ୍ୟରୁ ବାକ୍ୟ ଯୋଗ କରି ସମସ୍ତେ କିଛି କିଛି କହିବାକୁ ଚେଷ୍ଟା କରିଥିଲେ ।

ସୁନ୍ଦର ଗଳ୍ପ, କବିତା, ପ୍ରବନ୍ଧ ଇତ୍ୟାଦି ସୃଷ୍ଟି ପାଇଁ ଯେ ଅନୁଭବ ସହିତ ଅଧିକା ପଢ଼ାପଢ଼ିର ଆବଶ୍ୟକତା ଅଛି ତାହା ପିଲାମାନଙ୍କୁ ପ୍ରଧାନପ୍ରଶିକ୍ଷକ ଦାଶ ବେନହୁର ହୃଦୟଙ୍ଗମ କରାଇଥିଲେ ।

ଯେ କୌଣସି ବିଷୟବସ୍ତୁକୁ ଗୀତରେ ଗୀତରେ, କଥାରେ କଥାରେ, ଚିତ୍ରରେ ଚିତ୍ରରେ, କବିତାରେ କବିତାରେ ସଜା ଯାଇ ପାରିବ ଏହା ପିଲାମାନେ ଶିଖିଥିଲେ ଓ ନିଜେ ନିଜେ ଲେଖି ଜଣାଇ ପାରିଥିଲେ । ❑❑❑



